# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 September – 2026

************************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଅଧିବେଶନ ପୂର୍ବରୁ ଆଜି ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ

– ଅଧିବେଶନ ସମୟରେ ୬ଟି ବିଧେୟକ ଉପରେ ଆଲୋଚନା ହେବା ନେଇ ସୂଚନା ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

- ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

- ଉତ୍ତର ଆଣ୍ଡାମାନ ସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ସନ୍ଧ୍ୟା ସୁଦ୍ଧା ଅବପାତରେ ପରିଣତ ହେବା ସମ୍ଭାବନା

– ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପଦକ୍ଷେପ

ଏବଂ

- ମାନସିକ ସ୍ମୃତିଶକ୍ତି ହ୍ରାସ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଅଲ୍‌ଜାଇମର୍ସ ଦିବସ

# ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଅବ୍ୟବହିତ ପୂର୍ବରୁ ବିଧାନସଭାରେ ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭାର ଆଗାମୀ ଅଧିବେଶନ ସୂଚାରୁରୂପେ ଆୟୋଜନ କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି' ସମସ୍ତ ରାଜନୈତିକ ଦଳମାନଙ୍କର ସହଯୋଗ କାମନା କରିଛନ୍ତି। ଏହି ଅଧିବେଶନରେ ୬ଟି ବିଧେୟକ ଉପରେ ଆଲୋଚନା ହେବ। ଏମ୍.ଏମ୍.ଡି.ଆର୍ ସଂଶୋଧନ ବିଲ୍ କିମ୍ବା ଅନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲିଠାରୁ ଅଧିବେଶନ ଆରମ୍ଭ

ହୋଇ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ  ଚାଲିବ। ଅଧିବେଶନରେ ମୋଟ ୯ଟି କାର୍ଯ୍ୟଦିବସ ରହିଛି।

HS

## ଓଡ଼ିଶା–ଛତିଶଗଡ଼ ସାଂସ୍କୃତିକ ଐତିହ୍ୟ

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ସାଏ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ରହିଥିବା ସାଂସ୍କୃତିକ ଐତିହ୍ୟକୁ ନେଇ ଆଲୋଚନା କରିଥିଲେ।  ଏଥିସହ ଉଭୟ ରାଜ୍ୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବିକାଶ ସହ ଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

Nuapada/Kendrapada/R.gada/Nayagada/S.rnpur/Boudh/Ganjam

## ଭୋଟର ତାଲିକା ପ୍ରକାଶ

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍. ୨୦୨୬ ସମ୍ପର୍କିତ ଚୂଡାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ ଅପରାହ୍ଣରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିବେ ।

ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨୮ ଲକ୍ଷ ୧୦ ହଜାର ୯୫୧ ଜଣ ମତଦାତା ତାଲିକାରେ ସ୍ଥାନ ପାଇଛନ୍ତି।

ଜିଲ୍ଲାରେ ୮୫୧ଟି ନୂଆ ମତଦାନ କେନ୍ଦ୍ର ଯୋଡ଼ା ଯାଇଛି। ଫଳରେ ଏହାର ସଂଖ୍ୟା ବୃଦ୍ଧି ପାଇ ୩ ହଜାର ୯୭୫ରେ ପହଁଞ୍ଚିଛି।

ସୁବର୍ଣ୍ଣପୁର ଜିଲ୍ଲାରେ ଆଜି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାରେ ମୋଟ ୬୬୨ଟି ବୁଥ୍‌ରେ ୪ ଲକ୍ଷ ୬୨ ହଜାର ୩୮୪ ଜଣ ମତଦାତାଙ୍କ ତାଲିକା ପ୍ରସ୍ତୁତ କରାଯାଇଛି।

ବୌଦ୍ଧ ଜିଲ୍ଲାରେ ୩ ଲକ୍ଷ ୨୫ ହଜାର ୮୮୬ ଜଣ ମତଦାତା ଚୂଡ଼ାନ୍ତ ତାଲିକାରେ ସାମିଲ ହୋଇଛନ୍ତି। ୧୫ ହଜାର ୧୪୦ ଜଣଙ୍କ ନାମ ତାଲିକାରୁ ବାଦ ପଡ଼ିଛି।

ନୟାଗଡ଼ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ  ମୋଟ ୭ ଲକ୍ଷ ୫୧ ହଜାର ୭୪୨ ଜଣ ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି।

ରାୟଗଡ଼ା ଜିଲ୍ଲାର ମୋଟ ୬ ଲକ୍ଷ ୭୧ ହଜାର ୩୭୮ ଜଣ ମତଦାତା, ନୂଆପଡ଼ା ଜିଲ୍ଲାର ମୋଟ ୪ ଲକ୍ଷ ୯୦ ହଜାର ୩୪୪ ଜଣ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୧୨ ଲକ୍ଷ ୧ ହଜାର ୬୨୮ ଜଣ ମତଦାତା ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି।

Debagada

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ଼ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ପାଇପ ଜଳଯୋଗାଣ ଯୋଜନା, ଅଟଳ ପେନସନ୍ ଯୋଜନା, ନୂତନ ରାସନକାର୍ଡ ଆଦି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

MET

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ' ସୁଦୃଶ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି।

ଏହା ଘନୀଭୂତ ହୋଇ ଆଜି ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତର ରୂପ ନେବା ସହ ପରେ ଗଭୀର ଅବପାତର ରୂପ ନେଇ ଆସନ୍ତା ବୁଧବାର ସୁଦ୍ଧା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୮ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି

କରାଯାଇଛି । ଏଥିସହିତ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

Ganjam

## ପ୍ରବଳ ବର୍ଷା–ଜରୁରୀକାଳୀନ ପରିସ୍ଥିତି

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ଜରୁରୀକାଳୀନ ପରିସ୍ଥିତି ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ସମୁଦ୍ର ଓ ନଦୀକୂଳ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିବା ପଦକ୍ଷେପ ନିଆଯିବ। ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ଓଡ୍ରାଫ ଟିମ୍, ପୁଲିସ ବିଭାଗ, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ବିଭାଗକୁ ସଜାଗ ରଖାଯାଇଛି। କଳିଙ୍ଗଘାଟିରେ ଭୂସ୍ଖଳନ ହେବାର ଆଶଙ୍କା ରହିଥିବାରୁ କନ୍ଧମାଳ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖାଯାଉଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆସନ୍ତା ବୁଧବାର ଓ ଗୁରୁବାର ଦୁଇଦିନ କଳିଙ୍ଗାଘାଟି ଜନସାଧାରଣଙ୍କ ଯାତାୟାତ ପାଇଁ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

Balangir

## ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ

କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣିବା ନିମ୍ବ ଆବୃତ ୟୁରିଆ ୨୦୧୫ ସମ୍ପର୍କରେ...

କେନ୍ଦ୍ର ସରକାର ୨୦୧୫ ମସିହାରେ ୟୁରିଆର ଉପଯୁକ୍ତ ଓ ଦକ୍ଷ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ନାଇଟ୍ରୋଜେନ୍‌ର ଅପଚୟ ହ୍ରାସ ଓ ରିହାତିଯୁକ୍ତ ୟୁରିଆର ଅଣକୃଷି କ୍ଷେତ୍ରକୁ ବେଆଇନ ବ୍ୟବହାର ରୋକିବା ଲକ୍ଷ୍ୟରେ ନିମ୍ବ ଆବୃତ ୟୁରିଆକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏଥିରେ ଦେଶର ସମସ୍ତ ସ୍ୱଦେଶୀ ୟୁରିଆ ଉତ୍ପାଦକଙ୍କୁ ରିହାତିଯୁକ୍ତ ୟୁରିଆର ୭୫ ପ୍ରତିଶତ ନିମ୍ବ ଆବୃତ କରିବା ବାଧ୍ୟତାମୂଳକ କରାଯାଇଥିଲା । ପରବର୍ତ୍ତୀ ସମୟରେ  ସ୍ୱଦେଶୀ ୟୁରିଆ ଉତ୍ପାଦର ଶତପ୍ରତିଶତକୁ ନିମ୍ବ ଆବୃତ କରାଯାଇଥିଲା ।

ଭାରତ ଏକ କୃଷି ପ୍ରଧାନ ଦେଶ । ଓଡ଼ିଶାର ଅର୍ଥନୀତି ଓ ଗ୍ରାମୀଣ ଜୀବନରେ କୃଷିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଫସଲ ଉତ୍ପାଦନ ବୃଦ୍ଧିରେ ୟୁରିଆ ସାରର ବ୍ୟବହାର ଓ ନାଇଟ୍ରୋଜେନ୍‌ର ଅପଚୟ ରୋକିବା ଉପରେ ନିମ୍ବ ଆବୃତ ୟୁରିଆ ଉପଯୋଗୀ ପଦକ୍ଷେପ ବିବେଚିତ ହେଉଛି । ନିମ୍ବ ତେଲରେ ଆବରଣ ଥିବା ୟୁରିଆ ମାଟିରେ ଧୀରେ ଧୀରେ ମିଶିବା ସହ

ନାଇଟ୍ରୋଜେନ୍ ନିର୍ଗତ କରିଥାଏ। ଫଳରେ ଫସଲକୁ ଅଧିକ ସମୟ ପର୍ଯ୍ୟନ୍ତ ନାଇଟ୍ରୋଜେନ୍ ଉପଲବ୍ଧ ହୋଇଥାଏ। ଏହା ସାରର ବ୍ୟବହାରର ଦକ୍ଷତା ବଢ଼ାଇବା ସହ କୀଟପତଙ୍ଗ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ବଲାଙ୍ଗୀର ଜିଲ୍ଲାରେ ଚାଷ କାର୍ଯ୍ୟରେ କୃଷକମାନେ ନିମ୍ବ ଆବୃତ ୟୁରିଆର ବ୍ୟବହାର କରୁଛନ୍ତି। ଯାହାଫଳରେ ସାରର ଦକ୍ଷ ବ୍ୟବହାର ସହ ଭୂତଳ ଜଳ ପ୍ରଦୂଷଣ ଓ ପରିବେଶ ପ୍ରଦୂଷଣ ହ୍ରାସ ପାଇବାରେ ଲାଗିଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ୍ଦ୍ର ସିଂହ ବରିହା କହିଛନ୍ତି...

**- V/O -**

ବଲାଙ୍ଗୀରରୁ ଆକାଶବାଣୀ ସମାଚାର କଟକ ପାଇଁ ସୁବୋଧ ମେହେରଙ୍କ ସହ ମୁଁ ସ୍ମୃତିରେଖା ତାରେଣିଆ

Kalahandi

# ନୂଆଖାଇ ପର୍ବ ପାଳିତ

କଳାହାଣ୍ଡି ଜିଲ୍ଲାର ମାଣିକେଶ୍ୱରୀଙ୍କ ପୀଠରେ ତୃତୀୟ ପର୍ଯ୍ୟାୟ ନୂଆଖାଇ ପର୍ବ ପାଳିତ ହେଉଛି। ଭବାନୀପାଟଣା, ଲାଞ୍ଜିଗଡ଼, ମଦନପୁର–ରାମପୁର, ଥୁଆମୂଳ-ରାମପୁର, କର୍ଲାପାଟ୍ ଆଦି ଅଞ୍ଚଳରେ ସକାଳ ୮ଟା ୨୦ରୁ ୯ଟା ୩୦ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହୋଇଥିଲା। ପରେ ଘରେ ଘରେ ନୂଆଖାଇ ଭେଟଘାଟ ଆରମ୍ଭ ହୋଇଛି।

Desk

# ଅଲ୍‌ଜାଇମର୍ସ ଦିବସ

ବାର୍ଦ୍ଧକ୍ୟରେ ଦେଖାଦେଉଥିବା ସ୍ମୃତିକ୍ଷୟ ବା ଅଲ୍‌ଜାଇମର୍ସ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ବିଶ୍ୱ ଅଲ୍‌ଜାଇମର୍ସ ଦିବସ ପାଳନ କରାଯାଉଛି । "ଶୀଘ୍ର ଜାଣିଲେ ତ୍ୱରିତ ପଦକ୍ଷେପ ନେଇପାରିବେ; ଡିମେନ୍‌ସିଆର ଚିହ୍ନଟ ଅତ୍ୟନ୍ତ ଜରୁରୀ" ବାର୍ତ୍ତା ନେଇ ଚଳିତ ବର୍ଷ ଏହି ଦିବସ ପାଳନ କରାଯାଉଛି । ଭାରତରେ ଚିହ୍ନଟ ହୋଇଥିବା ୮୮ ଲକ୍ଷରୁ ଅଧିକ ଡିମେନ୍‌ସିଆ ପୀଡ଼ିତ ରୋଗୀଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅଲ୍‌ଜାଇମର୍ସ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଛି । ଏ ସମ୍ପର୍କରେ କଟକ ଏସ୍.ସି.ବି. ମେଡିକାଲ କଲେଜର ମାନସିକ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଶାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି...

**- V/O –**

Desk

## ଅନ୍ତର୍ଜାତୀୟ ଶାନ୍ତି ଦିବସ

ହିଂସା ଓ ଯୁଦ୍ଧକୁ ପରିହାର କରି ଆଲୋଚନା-ପର୍ଯ୍ୟାଲୋଚନା, ଅନ୍ତର୍ଜାତୀୟ ବୁଝାମଣା ଓ ସହମତି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଉପାୟରେ ସମାସ୍ୟା ସମାଧାନର ରାସ୍ତା ବାହାର କରିବା ନେଇ ଆଜି ପୃଥିବୀରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘ ଦ୍ୱାରା ପ୍ରତିଷ୍ଠିତ ଏହି ଦିବସଟି ମତଭେଦ ଏବଂ ଅଶାନ୍ତି ମୁକ୍ତ ଏକ ବିଶ୍ୱ ଗଠନ ପାଇଁ ଆକାଂକ୍ଷାର ପ୍ରତିଫଳନ କରିଥାଏ । ଆନୁଷ୍ଠାନିକ ଏବଂ ଅନୌପଚାରିକ ଶିକ୍ଷା ମାଧ୍ୟମରେ ଶାନ୍ତିର ବାତାବରଣ ସୃଷ୍ଟି କରିବା

ଅନ୍ତର୍ଜାତୀୟ ଶାନ୍ତି ଦିବସର ମୂଳ ଲକ୍ଷ୍ୟ। ଚଳିତବର୍ଷ ଅନ୍ତର୍ଜାତୀୟ ଶାନ୍ତି ଦିବସର ବିଷୟବସ୍ତୁ- 'ଶାନ୍ତିରେ ନିବେଶ କରନ୍ତୁ — ସମସ୍ତଙ୍କ ପାଇଁ, ସବୁଠାରେ, ପ୍ରତିଦିନ।'